## ସମଲେଶ୍ୱରୀ ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲି., ସମ୍ବଲପୁର

## ସମିତି ସର୍କୁଲାର ନଂ..୪୩... ତା.୦୮.୦୩.୨୦୧୭

ଏଠାରେ ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ-୨୦୧୬ ରେ ସଂଘରେ ଦୈନିକ ହାରାହାରି ୭୩,୧୬୬.୦ ଲିଟର ଦୁଗ୍ଧ ସଂଗ୍ରହ ହେଉଥିବା ସ୍ଥଳେ ବର୍ତ୍ତମାନ ହାରାହାରି ୫୭,୦୦୦ ଲିଟର ରୁ ୫୮,୦୦୦ ଲିଟର ଦୁଗ୍ଧ ସଂଗ୍ରହ ହେଉଅଛି । ସେହିପରି ଗତ ଜୁଲାଇ-୨୦୧୬ରେ ଦୁଗ୍ଧ ସଂଗ୍ରହ ପରିମାଣ ଦୈନିକ ହାରାହାରି ୯୯,୦୦୦ ଲିଟର ଥିଲା ।

ଗତ ବର୍ଷ ତୁଳନାରେ ଦୁଗ୍ଧ ସଂଗ୍ରହ ୨୧% କମ୍ ହେଉଥିବା ଯୋଗୁଁ ବର୍ତ୍ତମାନ ସମ୍ବଲପୁର ଡେୟରୀ ଓ ରାଉରକେଲା ଡେୟରୀ ଦୈନିକ ହାରାହାରି ୩୫,୦୦୦ ଲିଟର ଦୁଗ୍ଧ କଟକ ଦୁଗ୍ଧ ସଂଘରୁ ଭୁବନେଶ୍ୱର ଡେୟରୀ ମାଧ୍ୟମରେ ବଜାର ଚାହିଦା ମେଣ୍ଟାଉଛନ୍ତି ।

ସଭ୍ୟ/ସଭ୍ୟା ଓ ସମିତିମାନେ ଧାର୍ଯ୍ୟ କରିଥିବା ଦୁଗ୍ଧ ସଂଗ୍ରହ ପରିମାଣ ଫେବୃଆରୀ-୨୦୧୭ ଓ ମାର୍ଚ୍ଚ-୨୦୧୭ ଠାରୁ ବହୁ ପରିମାଣରେ କମ୍ ଦୁଗ୍ଧ ସଂଘକୁ ଦେଉଛନ୍ତି ।

ଏଥିରୁ ସ୍ପଷ୍ଟ ପ୍ରମାଣ ହେଉଅଛି ଯେ, ଅଧିକାଂଶ ଚାଷୀ ଏବଂ ସମିତିମାନେ ବର୍ତ୍ତମାନ ବାହାରେ ଦୁଗ୍ଧ ବିକ୍ରି କରୁଛନ୍ତି ।

ସଂଘ ତରଫରୁ ସଭ୍ୟ/ସଭ୍ୟାମାନଙ୍କ ପାଇଁ ବିଭିନ୍ନ ସମୟରେ ଦିଆଯାଉଥିବା ସୁବିଧା ଯଥା- କୃମି ନିରାକରଣ ଔଷଧ, ପ୍ରାଥମିକ ଚିକିତ୍ସା ଔଷଧ, ଟୀକାକରଣ, ଖଣିଜ ଲବଣ, ଘାସଚାଷ, RBP କାର୍ଯ୍ୟକ୍ରମ A.I କାର୍ଯ୍ୟକ୍ରମ ଆଦି ବହୁଳ ଭାବରେ ଦିଆଗଲେ ମଧ୍ୟ ସମିତିମାନଙ୍କରେ ସୁବିଧାବାଦୀ ଚାଷୀମାନେ ଦୁଗ୍ଧ ନ ଯୋଗାଇ ବାହାରେ ବିକ୍ରି କରୁଛନ୍ତି ଯାହା ଅତ୍ୟନ୍ତ କ୍ଷୋଭର ବିଷୟ ।

ଯେହେତୁ କି ବର୍ତ୍ତମାନ ବିକ୍ରି ପାଇଁ ଆବଶ୍ୟକ ହେଉଥିବା ଦୁଗ୍ଧ ସଭ୍ୟ/ସଭ୍ୟା ଓ ସମିତିମାନେ ଯୋଗାଉ ନାହାଁନ୍ତି ଏବଂ କାହିଁକି ଆସନ୍ତା ମେ, ଜୁନ୍, ଜୁଲାଇ ମାସରେ ଅଧିକ ଦୁଗ୍ଧ ସଂଗ୍ରହ କରାଯିବ ?

ଏଣୁ ସମସ୍ତ ସମିତିମାନଙ୍କୁ ନିମ୍ନଲିଖିତ ଅନୁରୋଧ ପୂନର୍ବାର କରାଯାଉଅଛି ।

୧. ଜାନୁଆରୀ'୨୦୧୭ ମାସରେ ଯେଉଁ ସମିତି ଯେତିକି ପରିମାଣରେ ସଂଘକୁ ଦୁଗ୍ଧ ଯୋଗାଇଥିବେ ତା'ର ୨୦% ଅଧିକ ଦୁଗ୍ଧ ବୃଦ୍ଧି (Flush) ସମୟରେ ଯୋଗାଇପାରିବ । ତା'ଠାରୁ ଅଧିକ ଦୁଗ୍ଧ ଯୋଗାଇଲେ କୌଣସି ମୂଲ୍ୟ ପ୍ରଦାନ କରାଯିବ ନାହିଁ ।
୨. କୌଣସି ବେପାରୀ, ସାଇକେଲ୍‌ରେ ଦୁଗ୍ଧ ସଂଗ୍ରହ କରୁଥିବା ବ୍ୟକ୍ତି, ଅଣଚାଷୀ, ସୁବିଧାବାଦୀ ଚାଷୀ ଏବଂ ଅନିୟମିତ ସଭ୍ୟଙ୍କଠାରୁ ଦୁଗ୍ଧ ଗ୍ରହଣ କରାଯିବ ନାହିଁ ।
୩. ଯେଉଁ ସଭ୍ୟମାନେ ବର୍ଷକୁ ସର୍ବନିମ୍ନ ୨୫୦ ଦିନ ଦୁଗ୍ଧ ଯୋଗାଇ ନଥିବେ, ସେମାନଙ୍କୁ ସଭ୍ୟପଦରୁ ବାଦ୍ ଦେବେ । ସେଥିପାଇଁ ସମିତି ସ୍ତରରେ କଡ଼ାକଡ଼ି ଭାବରେ Individual Register ଲେଖିବେ ।
୪. ସମିତିରେ କେବଳ ଗୁଣାତ୍ମକମାନର ଦୁଗ୍ଧ ହିଁ ସଂଗ୍ରହ କରାଯିବ ।
୫. ଉପରୋକ୍ତ ବିଷୟଗୁଡ଼ିକ ସମିତିର ବାର୍ଷିକ ସାଧାରଣ ସଭା (AGM) ଓ ପରିଚାଳନା ପରିଷଦ ବୈଠକରେ ନିଶ୍ଚିତଭାବରେ ଆଲୋଚନା କରିବେ ।

ସାଧାରଣ ପରିଚାଳକ

ନକଲ ପାଇବେ -୧. ସମସ୍ତ ସମିତି/ ସମସ୍ତ କ୍ଷେତ୍ର ପରିଦର୍ଶକ/ପରିଦର୍ଶିକା/ଅଂଚଳ ଭାରପ୍ରାପ୍ତ ଅଧିକାରୀ/ଡେପୁଟୀ ମ୍ୟାନେଜର ।
୨. Dy.General Manager (P&I), Omfed, Bhubaneswar.
3. P.A to Managing Director, Omfed, Bhubaneswar.

ସାଧାରଣ ପରିଚାଳକ